**ନବରଙ୍ଗପୁରରୁ ୨୯ ନୂଆ ପଜିଟିଭ୍**

ନବରଙ୍ଗପୁର,(ବି.ପ୍ର.)- ନବରଙ୍ଗପୁର ଜିଲାରେ ଶୁକ୍ରବାର ୨୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଜିଲାରେ ବର୍ତ୍ତମାନ ୯୮ ସକ୍ରିୟ କେସ୍ ରହିଛି। ହୋମ୍ କ୍ୱାରାଣ୍ଟାଇନରେ ୯୭ଜଣ ରହି ଚିକିତ୍ସିତ ହେଉଛନ୍ତି। ସେଥି ମଧ୍ୟରୁ ଜଣେ ଓମିକ୍ରନ ଆକ୍ରାନ୍ତ ଅଛନ୍ତି। ଗୁରୁବାର ୧୭୦୭ ଜଣଙ୍କ ସ୍ୱାବ୍ ସଂଗ୍ରହ ହୋଇଥିଲା। ଶୁକ୍ରବାର ନବରଙ୍ଗପୁର ସହରର ଦ୍ୱାରିକାନଗର, ପଟେଲ ମାର୍ଗ, ମ୍ୟୁନିସିପାଲଟି କଲୋନୀ, ପୂର୍ତ୍ତ ବିଭାଗ କଲୋନୀ, ଦଶରାପଦା, ହସ୍ପିଟାଲ କଲୋନୀ ଓ ଗାଦବାଗୁଡା ଆଦି ଅଞ୍ଚଳରୁ ୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନନ୍ଦାହାଣ୍ଡି ବ୍ଲକ ଜିଏନଏମ୍ କଲେଜରୁ ୩ ଓ ଦଳେଇଗୁଡାରୁ ୧, ଚନ୍ଦାହାଣ୍ଡି, କୋଷାଗୁମୁଡ଼ା ଓ ଡାବୁଗାଁ ବ୍ଲକରୁ ଜଣେ ଲେଖାଏ, ଝରିଗାଁ ସିଆରପିଏଫ୍ କ୍ୟାମ୍ପର ୫ ଯବାନ, ପାପଡାହାଣ୍ଡି ବ୍ଲକରୁ ୨ ଜଣ, ତେନ୍ତୁଳିଖୁଣ୍ଟି ବ୍ଲକର କାମତା, କନ୍ଦରଗୁଡା, ଗଦବାଗୁଡା, ପୂଜାରୀଗୁଡା ଓ ପେଗୁଡାର ୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।



## ସଂକ୍ଷେପରେ

### ବୋଲେରୋ ଧକ୍କାରେ ଶିଶୁ ମୃତ

ରାୟଗଡ଼ା ଅଫିସ,୭।୧-ରାୟଗଡ଼ା ସହର ଜଗନ୍ନାଥ ମନ୍ଦିର ନିକଟ କଣ୍ଡାସାହିଠାରେ ଶୁକ୍ରବାର ରାତିରେ ଏକ ବୋଲେରୋ ଧକ୍କାରେ ୩ ବର୍ଷର ଶିଶୁର ମୃତ୍ୟୁ ଘଟିଛି। ମୃତକ ହେଲେ ସାହିର ସନ୍ତୋଷ ବେହେରାଙ୍କ ପୁଅ ବଜରଙ୍ଗୀ(୩)। ଘଟଣାରୁ ପ୍ରକାଶ, ଉକ୍ତ ସାହି ରାସ୍ତା ପାର୍ଶ୍ୱରେ ରହିଥିବାବେଳେ ଶିଶୁଟି ରାସ୍ତାରେ ଖେଳୁଥିଲା। ରାସ୍ତା ପାରହେବା ସମୟରେ ମଝିଘରିଆଣୀ ମନ୍ଦିର ଦିଗରୁ ମୁନିଗୁଡ଼ା ଯାଉଥିବା ଏକ ବୋଲେରୋ(ଓଡି ୧୮ ଜେ ୩୦୩୯) ତାକୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ଶିଶୁଟି ଗୁରୁତର ହୋଇଥିବାବେଳେ ତାକୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଶିଶୁଟିକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକ ନିଆଁ ଜାଳି ରାସ୍ତା ଅବରୋଧ କରିଛନ୍ତି। ଖବର ଲେଖାଯିବା ସୁଦ୍ଧା ସ୍ଥାନୀୟ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିବା ଜଣାପଡ଼ିଛି।

### ବନ ବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ନିୟନ୍ତ୍ରଣ ତାଲିମ



ଗୁଣପୁର,୭।୧(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ଗୁଣ୍ଡିଚା ମନ୍ଦିର ନିକଟ ବିଦ୍ୟାନିକେତନ ସ୍କୁଲସ୍ଥିତ ଆମ୍ବତୋଟାଠାରେ ଶୁକ୍ରବାର ବନ ବିଭାଗ ପକ୍ଷରୁ ଅଗ୍ନି ଜଙ୍ଗଲରୁ ଅଗ୍ନି ନିୟନ୍ତ୍ରଣ ନେଇ ତାଲିମ ଦିଆଯାଇଛି। କାର୍ଯ୍ୟକ୍ରମରେ ରାୟଗଡ଼ା ବନଖଣ୍ଡ ଅଧିକାରୀ ଡ. ବିଜୟକେତନ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସହ ବନ ସଂରକ୍ଷକ ଅଶୋକ କୁମାର ପ୍ରଧାନ, ବିଦ୍ୟାନିକେତନ ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ଏସ୍.ରମେଶ ପ୍ରମୁଖ ସମ୍ମାନିତ ଅତିଥି ଥିଲେ। ଗୁଡାରି ବନାଞ୍ଚଳର ବନପାଳ ଗଙ୍ଗାଧର ମିଶ୍ର ଯୋଗଦେଇ ଜଙ୍ଗଲ ନିଆଁକୁ କିପରି ରୋକାଯାଇପାରିବ ସେ ନେଇ ତାଲିମ ଦେଇଥିଲେ। ଶିବିରରେ ଗୁଣପୁର ବନାଞ୍ଚଳର ସମସ୍ତ ବନ କର୍ମଚାରୀ ଓ ଜଙ୍ଗଲ ସୁରକ୍ଷା କମିଟିର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଶିବିରକୁ ଗୁଣପୁର ବନପାଳ ନୀଳମାଧବ ପାଢ଼ୀ ପରିଚାଳନା କରିଥିଲେ।

### ଘର ମରାମତି ସହାୟତା ରାଶିର ଶୁଭାରମ୍ଭ



ପାପଡ଼ାହାଣ୍ଡି,୭।୧(ଡି.ଏନ୍.ଏ.)-ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ବିଜୁ ପକ୍କାଘର ହିତାଧିକାରୀଙ୍କ ଲାଗି ଘର ମରାମତି ସହାୟତା ରାଶିର ଶୁଭାରମ୍ଭ କରିଛନ୍ତି। ପାପଡ଼ାହାଣ୍ଡି ବ୍ଲକରେ ମଧ ଏହି ଯୋଜନାର ଶୁଭାରମ୍ଭ ହୋଇଛି। ବ୍ଲକ ସଭାଗୃହରେ ବିଡିଓ ରଞ୍ଜିତା ମଲିକ, ସହକାରୀ ଯନ୍ତ୍ରୀ ଅଭିମନ୍ୟୁ ବେହେରାଙ୍କ ସହ ସମସ୍ତ କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଏକ କାର୍ଯ୍ୟକ୍ରମ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତ ସଦର ମହକୁମାରେ ହିତାଧିକାରୀଙ୍କୁ ପ୍ରୋଜେକ୍ଟର ଓ ଟିଭି ମାଧ୍ୟମରେ ଏହି ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଘର ମରାମତି ସହାୟତା ୩ ହଜାର ଟଙ୍କା ମିଳିବା ନେଇ ସେମାନେ ଖୁସି ବ୍ୟକ୍ତ କରିଥିଲେ।

### ଜିଲାସ୍ତରୀୟ ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ



ନନ୍ଦାହାଣ୍ଡି, ୭।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ପ୍ରାଥମିକ ବିଦ୍ୟାଳୟରେ ଜିଲାସ୍ତରୀୟ ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ କରୋନା ଗାଇଡ୍‌ଲାଇନରେ ପାଳିତ ହୋଇଯାଇଛି। ମହେନ୍ଦ୍ର ନାଥ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଘର ପତାକା ଉତ୍ତୋଳନ କରିଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରରୋଚନାରେ ହରେକୃଷ୍ଣ ମହତାବଙ୍କ ଦ୍ୱାରା ୧୯୪୬ ଜାନୁୟାରୀ ୭ରେ ଏହି ସଂଘ ଗଠନ ହୋଇଥିଲା। ତାଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ଶିକ୍ଷକ ସମାଜର ସୁଖଦୁଃଖରେ ସମସ୍ତେ ସହଭାଗୀ ହେବା ପାଇଁ ଅତିଥି ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉମାକାନ୍ତ ଦାସ, ସୁବାସ ଚନ୍ଦ୍ର ତ୍ରିପାଠୀ, ଗୌରହରି ଶତପଥୀ, ରମଣୀ ରଞ୍ଜନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂଘ ସଭାପତି ଗୋପୀନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ୨୫ରୁ ଊର୍ଦ୍ଧ୍ୱ ଶିକ୍ଷକ ଯୋଗଦେଇଥିଲେ।

# ‘ସମସ୍ତ କୋଭିଡ୍ କେୟାର ସେଣ୍ଟର କାର୍ଯ୍ୟକ୍ଷମ କର’

- ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଲେ ଜିଲାପାଳ
- ଜେକେପୁର କୋଭିଡ୍ ହସ୍ପିଟାଲ ପ୍ରସ୍ତୁତ

ରାୟଗଡ଼ା ଅଫିସ,୭।୧(ଡି.ଏନ୍.ଏ.)

ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ସେହିପରି ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ମଧ ବୃଦ୍ଧିପାଉଛି। ଏହାକୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ଜିଲାପାଳ କରୋନା ମୁକାବିଲା ନିମନ୍ତେ ଭର୍ଚୁଆଲରେ ଏକ ଜରୁରୀ ବୈଠକ କରି ଆଲୋଚନା କରିଥିଲେ। ଏଥିରେ ସିଡିଏମ୍‌ଓ, ଡିଆର୍‌ଡିଏ ପିଡି ରବିନାରାୟଣ ତ୍ରିପାଠୀ, ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଗୁଣପୁର ଉପଜିଲାପାଳ ସୋନାଲ ଜେନା, ଅତିରିକ୍ତ ଏସ୍‌ପି, ଜିଲାର ସମସ୍ତ ବିଡିଓ ଏବଂ ତହସିଲଦାରଙ୍କୁ ନେଇ ଜିଲାପାଳ ଆଲୋଚନା କରିଥିଲେ। ଓମିକ୍ରନ୍ ମୁକାବିଲା ନିମନ୍ତେ ଜିଲାରେ କରୋନା ନିୟମକୁ କଡ଼ାକଡ଼ି କରିବା ସହ ଏହାର ଯାଞ୍ଚ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜିଲାପାଳ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ।

ଓମିକ୍ରନ୍ ମୁକାବିଲା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଥିବା ଡିପିଏମ୍ ରାଜେଶ ପଟ୍ଟନାୟକ କହିଛନ୍ତି। ସମସ୍ତ ଚିକିତ୍ସା କେନ୍ଦ୍ରରେ ଔଷଧ, ଜେକେପୁର କୋଭିଡ୍ ହସ୍ପିଟାଲରେ ଯଥେଷ୍ଟ ଅମ୍ଳଜାନ ସିଲିଣ୍ଡର ମହଜୁଦ ରଖାଯାଇଛି। ଡାକ୍ତର, ଫାର୍ମାସିଷ୍ଟ, ନର୍ସ ଏବଂ ଆବଶ୍ୟକ କର୍ମଚାରୀ ସେଠାରେ ନିୟୋଜିତ ଅଛନ୍ତି। ଆବଶ୍ୟକ ହେଲେ ଅଧିକ କର୍ମଚାରୀଙ୍କୁ ମଧ ନିୟୋଜନ କରାଯିବ ବୋଲି ସେ କହିଛନ୍ତି। ସେହିପରି ମୃତଦେହ ନେବା ନିମନ୍ତେ ଗାଡ଼ି ଉପଲବ୍ଧ ରଖିବା ସହ ଆବଶ୍ୟକ ହେଲେ ମରାମତି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ କୋଭିଡ୍ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ କରିବାକୁ ମଧ କହିଛନ୍ତି। ସଂକ୍ରମିତଙ୍କ ଚିକିତ୍ସା ନିମନ୍ତେ ଜିଲାର ସମସ୍ତ କୋଭିଡ୍ କେୟାର ସେଣ୍ଟର ଯଥା ରାୟଗଡ଼ାସ୍ଥିତ ତାଡ଼ମା, ଗୁଣପୁରର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଅନ୍ୱେଷା କେନ୍ଦ୍ର, ବିଷମକଟକର ନାନୀରଗୁଡ଼ାସ୍ଥିତ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବାକୁ ବିଡିଓ ଏବଂ ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୋଭିଡ୍ ନିୟମ ନେଇ ଲୋକଙ୍କୁ ସଚେତନ କରିବାକୁ ବିଡିଓମାନଙ୍କୁ ଜିଲାପାଳ କହିଛନ୍ତି। ସେହିପରି ଟିକାକରଣ କାର୍ଯ୍ୟକ୍ରମକୁ ଶୀଘ୍ର ସାରିବାକୁ କୁହାଯାଇଛି। ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀଙ୍କୁ ଚିହ୍ନଟ କରିବାକୁ ପିଇଓ ଏବଂ ଜିଆର୍‌ଏସ୍‌ମାନଙ୍କୁ ଦାୟିତ୍ୱ ଦେବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏଥିପୂର୍ବରୁ ଗୁରୁବାର ଜିଲାପାଳ ସରୋଜ କୁମାର ମିଶ୍ର ଏବଂ ଏସ୍‌ପି ବିବେକାନନ୍ଦ ଶର୍ମା ଗୁଣପୁର ଗସ୍ତରେ ଯାଇ ଆଦର୍ଶ ବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟରରେ ଆନୁଷଙ୍ଗିକ ବ୍ୟବସ୍ଥାର ଅନୁଧ୍ୟାନକରି ୨ ଦିନ ମଧ୍ୟରେ ଏହି କେନ୍ଦ୍ରକୁ ପ୍ରସ୍ତୁତ ରଖିବାକୁ ପୌର ପରିଷଦ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କୋଭିଡ୍ କଟକଣା କିଭଳି କଡ଼ାକଡ଼ି ପାଳନ ହେବ ସେ ନେଇ ଏସ୍‌ପି ସ୍ଥାନୀୟ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

### ହନ୍ତାଳଗୁଡା ଘାଟିରେ ଟ୍ରାକ୍ଟର ଦୁର୍ଘଟଣା

ଚିତ୍ରକୋଣ୍ଡା,୭।୧(ଡି.ଏନ.ଏ.)

ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ହନ୍ତାଳଗୁଡ଼ା ଘାଟିରେ ଏକ ଟ୍ରାକ୍ଟର ଶୁକ୍ରବାର ଦୁର୍ଘଟଣାଗ୍ରସ୍ତ ହୋଇ ୧୦୦ଫୁଟ ତଳକୁ ଖସି ପଡ଼ିଛି। ଫଳରେ ଚାଳକ ସମେତ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ନିକଟରେ ଥିବା ବିଏସଏଫ କ୍ୟାମ୍ପର ଯବାନମାନେ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ ଚିତ୍ରକୋଣ୍ଡା ପଠାଇଛନ୍ତି। ଆହତମାନେ ହେଲେ ଶ୍ୟାମ ସୁନ୍ଦର ଖିଲ ଓ ଶ୍ୟାମ ହନ୍ତାଳ। ଉଭୟଙ୍କ ଘର ମୁତାଆମ୍ବ ଗ୍ରାମରେ। ଟ୍ରାକ୍ଟରଟି ହନ୍ତାଳଗୁଡା କ୍ରସରରୁ ଚିପିସ ବୋଝେଇ କରି ମୁତାଆମ୍ବ ଗ୍ରାମକୁ ଯାଉଥିଲା।

### ଜୟପୁର ଘାଟିରେ ଟ୍ୟାଙ୍କର ଓଲଟିଲା



ଜୟପୁର,୭।୧(ନି.ପ୍ର.)

୨୬ ନଂ. ଜାତୀୟ ରାଜପଥର ଜୟପୁର ଘାଟିରେ ଶୁକ୍ରବାର ଏକ ପିଚୁ ବୋଝେଇ ଟ୍ୟାଙ୍କର ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଟ୍ୟାଙ୍କର ତଳେ ଡ୍ରାଇଭର ଚାପିହୋଇ ରହିଯାଇଥିଲେ। ଖବରପାଇ ଜୟପୁର ଅଗ୍ନିଶମ ବାହିନୀ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟ୍ୟାଙ୍କରଟି ପିଚୁ ବୋଝେଇ କରି ବିଶାଖାପାଟଣାରୁ ରାୟପୁର ଯାଉଥିଲା।

## ସ୍ଥାନାନ୍ତର ହେବ ପରିବା, ଆମିଷ ବଜାର

ଉମରକୋଟ, ୭।୧(ସ୍ୱ.ପ୍ର.)



ବୈଠକରେ ଉପସ୍ଥିତ ଅତିଥିମାନେ।

- ପ୍ରଶାସନିକ ଅଧିକାରୀ, ବ୍ୟବସାୟୀଙ୍କୁ ନେଇ ବୈଠକ
- ମାସ୍କ ବ୍ୟବହାର, ସାମାଜିକ ଦୂରତା ଉପରେ ଗୁରୁତ୍ୱ

ଉମରକୋଟ ପୌର ପରିଷଦ ସମ୍ମିଳନୀ କକ୍ଷରେ ପ୍ରଶାସନିକ ଅଧିକାରୀ, ବ୍ୟବସାୟୀ ଓ ବିଭିନ୍ନ ଅନୁଷ୍ଠାନକୁ ନେଇ ଏକ ବୈଠକ ହୋଇଯାଇଛି। ସରକାରଙ୍କ କୋଭିଡ୍ ଗାଇଡ ଲାଇନକୁ କିପରି କଡ଼ାକଡ଼ି ପାଳନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ମାସ୍କ ନ ପିନ୍ଧିଲେ ଦୋକାନ ଭିତରେ ପ୍ରବେଶ ନ କରାଇବା, ଦୋକାନରେ ସାମାଜିକ ଦୂରତା ରଖିବା ଆଦି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ବ୍ୟବସାୟୀଙ୍କୁ ତହସିଲଦାର ଏନ୍. ଜଗତ ଜୀବନ ଚୌଧୁରୀ କହିଛନ୍ତି।

ଗତବର୍ଷ ପରି ଚଳିତ ଥର ମଧ ପରିବା ବଜାରକୁ ଡିଡ଼ିକେ ଓ ହାଟ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ହୋଇଛି। ଆମିଷ ବଜାରକୁ ମଧ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନିଆଯାଇଛି। ରାସ୍ତାକଡ଼ରେ ଥିବା ପରିବା ଦୋକାନ ଯୋଗୁ ଗହଳି ବଢୁଛି, ସେଥିପାଇଁ ସେହି ଦୋକାନଗୁଡ଼ିକ ମଧ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନିଆଯାଇଛି। ସହରର ବିଭିନ୍ନ ସ୍ଥାନ, ସରକାରୀ ଅନୁଷ୍ଠାନକୁ କିପରି ସଫା କରାଯିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ପୌର ପରିଷଦ ଅଧିକାରୀ କହିଛନ୍ତି। ଉମରକୋଟ ବ୍ୟବସାୟୀ ସଂଘ, ମାଂସ ବିକ୍ରେତା ସଂଘ, ମାଛ ବିକ୍ରେତା ସଂଘ ସଦସ୍ୟ ଓ ଅନେକ ବ୍ୟବସାୟୀ ନିଜ ମତ ରଖିଥିଲେ। ବୈଠକରେ ପୋଲିସ ଉପଖଣ୍ଡ ଅଧିକାରୀ ଦିନେଶ କୁମାର ନାୟକ, ରାମଚନ୍ଦ୍ର ମାଝି, ଅତିରିକ୍ତ ଆଇଆଇସି ଲିମାରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୋଭିଡ୍ ଗାଇଡ୍‌ଲାଇନକୁ ଯେପରି କଡ଼ାକଡ଼ି ପାଳନ କରାଯିବ ସେଥିପ୍ରତି ସମସ୍ତେ ଧ୍ୟାନଦେବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ପୁଣି ୨ଦିନ ବନ୍ଦ ଏସ୍‌ବିଆଇ ମୁଖ୍ୟ ଶାଖା

ନବରଙ୍ଗପୁର,୭।୧ (ବି.ପ୍ର.)

ନବରଙ୍ଗପୁର ସହରସ୍ଥିତ ଏସ୍‌ବିଆଇ ମୁଖ୍ୟ ଶାଖାର ଆଉ ଜଣେ କର୍ମଚାରୀ ପୁଣି କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାପରେ ଦୁଇ ଦିନ ପାଇଁ ଶାଖା ବନ୍ଦ କରିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ସକାଳେ ବ୍ୟାଙ୍କର ଜଣେ କର୍ମଚାରୀଙ୍କ କରୋନା ରିପୋର୍ଟ ପଜିଟିଭ ଆସି ଥିବା ନେଇ ଜିଲାପାଳଙ୍କୁ ସୂଚନା ଦିଆଯାଇଥିଲା। ଏହାପରେ ପ୍ରଶାସନର ନିଷ୍ପତ୍ତି ପ୍ରକାରେ ବ୍ୟାଙ୍କକୁ ୪୮ଘଣ୍ଟା ବନ୍ଦ କରାଯାଇଛି। ସୂଚନାଯୋଗ୍ୟ, ନବରଙ୍ଗପୁରରେ ଦିନକୁ ଦିନ କରୋନା ପଜିଟିଭଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶୁକ୍ରବାର ମୋଟ ୨୯ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୯୭ଜଣ ହୋମ୍ ଆଇସୋଲେଶନରେ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଉନ୍ନୟନ କାର୍ଯ୍ୟକୁ ନେଇ ଉଠିଲା ପ୍ରଶ୍ନ

**ପଞ୍ଚାୟତ ସମିତି ବୈଠକ**

ଚନ୍ଦ୍ରପୁର,୭।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଭାଗୃହରେ ଶୁକ୍ରବାର ଶେଷ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ଉଠା ଜଳସେଚନ, ସାମାଜିକ ସୁରକ୍ଷା ଭତ୍ତା, ଜାତୀୟ ପରିବାର କଲ୍ୟାଣ ଯୋଜନା, ରାସ୍ତାଘାଟ, ପିଡିଏସ୍ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଏବେ ମଧ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଭତ୍ତା ମିଳିପାରୁ ନ ଥିବା ବିଜାପୁର ସରପଞ୍ଚ ଗାହି ଅନ୍ଦନାକା ଅଭିଯୋଗ କରିଥିଲେ। ଚନ୍ଦ୍ରପୁର ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ ସମୟ ଅନୁଯାୟୀ ବିଭିନ୍ନ ପ୍ରମାଣପତ୍ର ମିଳୁ ନ ଥିବା ଝୁରିଗୁଡ଼ା ସରପଞ୍ଚ ଦୀପ୍ତିମୟୀ ପ୍ରାସ୍କା ଅଭିଯୋଗ କରିଥିଲେ। ସେହିପରି ଗତ ବୈଠକର ବିବରଣୀ ଅନୁଯାୟୀ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନ ହେବା ସହ ଜଳ ଯୋଗାଣ ବିଭାଗର ନୀରବତାକୁ ନେଇ କୋରାପୁଟ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଭୀମ ଗଗେରଙ୍ଗା ପ୍ରଶ୍ନ ଉଠାଇଥିଲେ। ବୈଠକରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ପ୍ରତିଙ୍ଗା, ସମ୍ମାନିତ ଅତିଥି ରୂପେ ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ୍, ବ୍ଲକ ଉପାଧ୍ୟକ୍ଷା ରେଣୁବାଳା ଭାଟ, ଡବ୍ଲୁଇଓ ଲେଓ୍ୱାର ଜେନା, ଯୋଗାଣ ନିରୀକ୍ଷକ ମାନସ କୁମାର ଜେନା, ଜିପିଇଓ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

ଲକ୍ଷ୍ମୀପୁର,୭।୧(ଡି.ଏନ.ଏ.)

ଲକ୍ଷ୍ମୀପୁର ବ୍ଲକରେ ଶୁକ୍ରବାର ବିଧାୟକ ପ୍ରଭୁ ଜାନି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। କାକିରିଗୁମା ପଞ୍ଚାୟତର କାର୍ଯ୍ୟାଳୟ ନିକଟରେ କଲ୍ୟାଣ ମଣ୍ଡପ, ଏବଂ ଗୌଡ଼ଗୁଡା ପଞ୍ଚାୟତର ଦାମନଯୋଡି ଛକରେ ମିଶନ ସକ୍ତି ଗୃହ ଲୋକାର୍ପଣ କରିଛନ୍ତି। ବିଡିଓ ପ୍ରୀତିରଞ୍ଜନ ରଥ, ବ୍ଲକ ଅଧ୍ୟକ୍ଷା ସୁଆଇ କୁଲେସିକା, କନିଷ୍ଠଯନ୍ତ୍ରୀ ଗୋପାଳ ମିଞ୍ଜ, କାକିରିଗୁମା ସରପଞ୍ଚ ପାର୍ବତୀ ହିକକା, ଗୌଡ଼ଗୁଡା ସରପଞ୍ଚ ଡମ୍ବୁରୁଧର ମୁଦୁଲିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କଂଗ୍ରେସରେ ମିଶିଲେ ପୂର୍ବତନ ଜିଲା ପରିଷଦ ସଭ୍ୟ ମୋତିଲାଲ

ଚନ୍ଦାହାଣ୍ଡି, ୭।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ବରିଷ୍ଠ ନେତା ମୋତିଲାଲ ହଂସ ଶୁକ୍ରବାର ଭାରତୀୟ ଜାତୀୟ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ସେ ଗତ ଦିନରେ ବିଜେଡିର ଜଣେ ବରିଷ୍ଠ ନେତା ରହିଥିବା ବେଳେ ପୂର୍ବରୁ ସ୍ୱାଧୀନ ଭାବେ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। କର୍ଚାମାଲରେ ଦଳ ପକ୍ଷରୁ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେ ସାମିଲ ହୋଇଛନ୍ତି। ଜିଲା ସଭାପତି ମୁନା ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ଭୁଜବଳ ମାଝି, ପିସିସି ସମ୍ପାଦକ କ୍ଷେମରାଜ ବାଘ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଦ୍ୱାରିକା ମହାପାତ୍ର, ଜିଲା ସଭାନେତ୍ରୀ ପି.ନାଗରତନମ୍, ହାରାବତି ଗଣ୍ଡ, ରାଜେଶ ଜାନି ପ୍ରମୁଖ ଉପସ୍ଥିତ ଥିଲେ।

## ‘୨ବର୍ଷ ମଧ୍ୟରେ ପଞ୍ଚମ ସମ୍ପ୍ରସାରଣ ଶେଷ ହେବ’

ଦାମନଯୋଡ଼ି,୭।୧(ଡି.ଏନ୍.ଏ.)




ପ୍ରତିଷ୍ଠା ଦିବସରେ ‘ମାତୃ ପୂଜନ’ କାର୍ଯ୍ୟକ୍ରମ ଅବସରରେ ବୟୋଜ୍ୟେଷ୍ଠ ମହିଳାଙ୍କ ଗହଣରେ ନାଲ୍‌କୋ ଅଧିକାରୀମାନେ।

**ନାଲ୍‌କୋର ୪୨ତମ ପ୍ରତିଷ୍ଠା ଦିବସ**

ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପର ୪୨ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଦାମନଯୋଡ଼ିର ଆରାଧ୍ୟା ଦେବୀ ମା’ କଣ୍ଟାବାଉଁଶୁଣୀଙ୍କ ନିକଟରେ ନାଲ୍‌କୋର ବରିଷ୍ଠ ଅଧିକାରୀମାନେ ପୂଜାର୍ଚ୍ଚନା କରିଥିଲେ | ଅପରାହ୍ନରେ ଅଡିଟୋରିୟମଠାରେ କୋଭିଡ୍ ନିୟମ ମଧ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଦାସ ନାଲ୍‌କୋର ସଫଳତା ପାଇଁ ସବୁ କର୍ମଚାରୀ ଓ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶ୍ରେୟ ଦେଇଥିଲେ। ଗତ ଆର୍ଥିକ ବର୍ଷରେ ନାଲ୍‌କୋ ୧୩୦୦ କୋଟି ଟଙ୍କା ଲାଭ କରି ପାରିପାର୍ଶ୍ୱିକ ଅଞ୍ଚଳର ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ବିକାଶରେ ସହାୟକ ହୋଇପାରିଛି। ନାଲ୍‌କୋର ପଞ୍ଚମ ସମ୍ପ୍ରସାରଣ କାର୍ଯ୍ୟ ଆଗେଇ ଚାଲିଛି। ୨ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସେ କହିଥିଲେ। ଗତ ୨ ବର୍ଷ ମଧ୍ୟରେ ନାଲ୍‌କୋ କୋରାପୁଟର ବିକାଶ ଲାଗି ୧୦୮କୋଟି ଟଙ୍କା ପ୍ରଦାନ ପାଇଁ ଲକ୍ଷ୍ୟ ରଖି ଏପର୍ଯ୍ୟନ୍ତ ୮୧କୋଟି ପ୍ରଦାନ କରିସାରିଛି। ସେହିପରି ପଟ୍ଟାଙ୍ଗୀ ବ୍ଲକ ଅଞ୍ଚଳ ପାଇଁ ୧୨କୋଟି ଟଙ୍କା ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଥିବା ଦାସ ସୂଚନା ଦେଇଥିଲେ। ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ମଣିପ୍ରସାଦ ସାମଲ ସ୍ୱାଗତ ସୂଚନା ଦେଇଥିଲେ। ଏହି ଅବସରରେ ୭ଜଣ ବୟୋଜ୍ୟେଷ୍ଠ ମହିଳାଙ୍କୁ ‘ମାତୃ ପୂଜନ’ କାର୍ଯ୍ୟକ୍ରମରେ ପୂଜାର୍ଚ୍ଚନା କରାଯାଇ ଉପହାର ପ୍ରଦାନ କରାଯାଇଥିଲା। ନାଲ୍‌କୋର ଅଲିଅଳି ଝିଅ କାର୍ଯ୍ୟକ୍ରମରେ ଆଖପାଖ ସ୍କୁଲର ଅଧିକ ନମ୍ବର ରଖିଥିବା ବାଳିକାଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ୧୪ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡିଜିଏମ୍ ସରୋଜ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ନିର୍ମଳ ରାଉତ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ନାଲ୍‌କୋ ଟାଉନଶିପ ମୁଖ୍ୟ ଫାଟକ ବାହାରେ ‘ଆଇ ଲଭ୍ ନାଲ୍‌କୋ’ ଫଳକ ଉନ୍ମୋଚନ କରାଯାଇଥିଲା।

## ଓମିକ୍ରନ୍ ନେଇ ସଚେତନତା ଅଭିଯାନ

କୁନ୍ଦୁମୁଲୁଗୁମ୍ମା,୭।୧(ଡି.ଏନ.ଏ.)

କୁନ୍ଦୁମୁଲୁଗୁମ୍ମା ବଜାରରେ ତହସିଲ ପ୍ରଶାସନ ଓ ପୋଲିସ ପ୍ରଶାସନପକ୍ଷରୁ ଶୁକ୍ରବାର ଏକ ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଓମିକ୍ରନ୍ ନେଇ ହୋଇଥିବା ଏହି କାର୍ଯ୍ୟକ୍ରମରେ ତହସିଲଦାର ବିଜୟ ମାଣ୍ଡାଓଗି, ପୋଲିସ ଅଧିକାରୀ ଗିରୀଶ ଚନ୍ଦ୍ର ମହାରଣା, ସାମାଜିକ କର୍ମୀ ଭଗବାନ ସାହୁ, ସାମିଲ ହୋଇ ଲୋକଙ୍କୁ ସଚେତନ କରିଥିଲେ।

## ୬କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ

କୋରାପୁଟ,୭।୧(ସ୍ୱ.ପ୍ର.)– କୋରାପୁଟ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ନନ୍ଦପୁର ବ୍ଲକ ଅଞ୍ଚଳରୁ ୬ କୁଇଣ୍ଟାଲ ୬୦ କେଜି ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଜଣକୁ ଗିରଫ କରାଯାଇଛି। ସେ ହେଲେ ହରିଆନାର ପାନିପଥ ଅଞ୍ଚଳର ସୁଲତାନ ସିଂ। ଏହାର ମଲ୍ୟ ୬୬ ଲକ୍ଷ ଟଙ୍କା ହେବ।

## ସ୍ଥାୟୀଙ୍କୁ ବିଦାକଲେ, ଅସ୍ଥାୟୀ ନିଯୁକ୍ତି ନେଇ ପ୍ରୟାସ

ସେମିଳିଗୁଡ଼ା,୭।୧(ସ୍ୱ.ପ୍ର.)

ଅଧିକ ଅଧ୍ୟାପକ ଥିବା ଦର୍ଶାଇ ସେମିଳିଗୁଡ଼ା କଲେଜର ଅଧ୍ୟାପିକା ସରସ୍ୱତୀ ରାୟଙ୍କୁ ରାୟଗଡ଼ା ବଦଳି କରାଯାଇଥିଲା। ୩ରେ ସେ ଏଠାରୁ ରିଲିଭ ହୋଇଥିଲେ। ମାତ୍ର ୪ରେ କଲେଜ କର୍ତ୍ତୃପକ୍ଷ ଜଣେ ଅସ୍ଥାୟୀ ଇଂରାଜୀ ଅଧ୍ୟାପକ ନିଯୁକ୍ତି ବିଜ୍ଞାପନ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। କଲେଜ କର୍ତ୍ତୃପକ୍ଷ ଏପରି କାର୍ଯ୍ୟ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କୋରାପୁଟ ମେଡିକାଲ କଲେଜରେ ବ୍ୟାପିଲା କରୋନା

କୋରାପୁଟ,୭।୧(ସ୍ୱ.ପ୍ର.)– କୋରାପୁଟ ଜିଲାରେ ଶୁକ୍ରବାର ଦିନକରେ ୧୯ କରୋନା ପଜିଟିଭ ଚିହ୍ନଟ ହୋଇଛି। ସେଥିମଧ୍ୟରେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ରହିଛି। ମେଡିକାଲ କଲେଜର ୬ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କରୋନା ଆକ୍ରାନ୍ତ ହୋଇଛନ୍ତି। ଫଳରେ କଲେଜରେ ଛାତ୍ରୀଛାତ୍ରଙ୍କ ସବୁ ଅଫ୍‌ଲାଇନ କ୍ଲାସ ବନ୍ଦ କରାଯାଇଛି। ଅନଲାଇନ କ୍ଲାସ ନେଇ ଅଧ୍ୟକ୍ଷ ବିଜ୍ଞପ୍ତି ଜାରି କରିଛନ୍ତି।

### ଏସଏଚ୍‌ଜି ଗ୍ରୁପଙ୍କୁ କାର୍ଯ୍ୟାଦେଶ

ମାଲକାନଗିରି,୭।୧(ଡି.ଏନ.ଏ.)

ମାଲକାନଗିରି ଜିଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟଠାରେ ମୁକ୍ତା ଯୋଜନା ଓ ମିଶନ ଶକ୍ତି ସହଯୋଗରେ ୧୯ଟି ଏସଏଚ୍‌ଜି ଗ୍ରୁପଙ୍କୁ ଶୁକ୍ରବାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ପ୍ରଥମ ଥର ପାଇଁ କିନ୍ନରମାନଙ୍କୁ ୯ଲକ୍ଷ୯୮ହଜାର ଟଙ୍କାର କାର୍ଯ୍ୟାଦେଶ ମିଳିଛି। କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ,ମିଶନ ଶକ୍ତି ସଦସ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ନଦୀରେ ଭାସୁଛି ଗଳିତ ମୃତଦେହ

ଦଶମନ୍ତପୁର,୭।୧(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ କୁସୁମଗୁଡ଼ା ଗ୍ରାମ ନିକଟସ୍ଥ ଗାଇଗାଡ଼ ନଦୀ ନିକଟରେ ଥିବା ଗୋଡ଼ି ଓ ପଥରରେ ରକ୍ତଛିଟା ପଡ଼ିଥିବା ଏବଂ ଏକ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ପଚାରିବାରୁ ଆମେ ଗାଧୋଇବାକୁ ନଦୀକୁ ଆସିଥିବା ବେଳେ ରକ୍ତଛିଟା ଏବଂ ମୃତଦେହ ଭାସୁଥିବା ଦେଖିବାକୁ ପାଇଲୁ ବୋଲି କହିଥିଲେ। ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ପୋଲିସ ତଦନ୍ତ ଆରମ୍ଭ କରିଛି।

## ଆଦିବାସୀ ପିଲାଙ୍କ ଶିକ୍ଷା ଉପରେ ଗୁରୁତ୍ୱ

ମାଲକାନଗିରି,୭।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାରେ ଜିଲା ଆଦିବାସୀ ସମାଜ ମହାସଂଘ କାର୍ଯ୍ୟାଳୟକୁ ଶୁକ୍ରବାର ଏମ୍‌ପି ରମେଶ ଚନ୍ଦ୍ର ମାଝି ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବିଧାୟକ ମାନସ ମାଡକାମି, ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ସ୍ୱତନ୍ତ୍ର ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷ ଆଡମା ରାବା, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଆଦିବାସୀ ମହାସଂଘ ସଭାପତି ଘନଶ୍ୟାମ ମାଡକାମି ଉପସ୍ଥିତ ଥିଲେ। ରାଜ୍ୟ ସରକାର ଆଦିବାସୀଙ୍କ ବିକାଶ ପାଇଁ ସବୁ ପ୍ରକାର ଯୋଜନା ଜାରି ରଖିଛନ୍ତି। ସମାଜରେ ସେମାନଙ୍କର ସ୍ଥିତି, ଆର୍ଥିକ ମାନଦଣ୍ଡ, ଶିକ୍ଷାର ଉନ୍ନତି, ବିନା ମୂଲ୍ୟରେ ବିଭିନ୍ନ ଯୋଜନା, ଶିକ୍ଷା ପାଇଁ ଅର୍ଥରାଶି, ପୋଷାକ, ଖାଦ୍ୟ, ପାନୀୟ ଜଳ, ଛାତ୍ରାବାସରେ ରଖି ଆଦିବାସୀ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ସବୁ ସରକାର ବହନ କରୁଛନ୍ତି। ଆଦିବାସୀ ସମ୍ପ୍ରଦାୟର ପିଲାମାନେ ଯେପରି ଶିକ୍ଷାରୁ ବଞ୍ଚିତ ନ ହେବେ ସେଥିପାଇଁ ଅଭିଭାବକମାନଙ୍କୁ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ଏହି କାର୍ଯ୍ୟାଳୟ ପରିସରରେ ଆଦିବାସୀଙ୍କ ପରମ୍ପରିକ, ବେଶଭୂଷାରେ ବ୍ୟବହୃତ ଆନୁଷଙ୍ଗିକ ଅଳଙ୍କାର, ଯୁଦ୍ଧ ସମୟରେ ବ୍ୟବହୃତ ହୋଇଥିବା ପୁରାତନ ଅସ୍ତ୍ରଶସ୍ତ୍ର, ପୁରାତନ ଚାଷ ଉପକରଣ, ଜଙ୍ଗଲଜାତ ଦ୍ରବ୍ୟର ନମୁନା ଆଦି କାର୍ଯ୍ୟାଳୟ ପରିସର ସଂଗ୍ରହାଳୟରେ ଗଚ୍ଛିତ ରହିବା ବ୍ୟବସ୍ଥା ହୋଇଛି।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ପ୍ରଧାନ ଶିକ୍ଷକଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି ବିଇଓ

**ବିଦ୍ୟାଳୟ ଅନୁଦାନ ଅର୍ଥ ବାଟମାରଣା**

ପଟ୍ଟାଙ୍ଗୀ,୭।୧(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ମହକୁମାସ୍ଥିତ ସରକାରୀ ହାଇସ୍କୁଲକୁ ସରକାର ୫–ଟି ସ୍ମାର୍ଟ ବିଦ୍ୟାଳୟରେ ପରିଣତ କରି ଯୋଗାଇଦେଉଥିବା ଅନୁଦାନ ଅର୍ଥକୁ ପ୍ରଧାନ ଶିକ୍ଷକ କୁରୁକ୍ଷେତ୍ର ନାୟକ ଅପବ୍ୟବହାର କରି ବାଟମାରଣା କରୁଥିବା ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନାୟକ ୨୦୨୦ ସେପ୍ଟେମ୍ବରରେ ଯୋଗଦେବା ପରଠାରୁ ମନମୁଖି କାର୍ଯ୍ୟ କରୁଛନ୍ତି। ତାଙ୍କ କାର୍ଯ୍ୟରେ ବିଦ୍ୟାଳୟ କର୍ମଚାରୀ, ଅଭିଭାବକ, ଛାତ୍ରୀଛାତ୍ର, ପରିଚାଳନା କମିଟି ସଦସ୍ୟ ଓ ମୋ ସ୍କୁଲ ଅଭିଯାନ କମିଟି ସଦସ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଜିଲାପାଳଙ୍କଠାରୁ ଆରମ୍ଭକରି ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଶିକ୍ଷା ବିଭାଗ ସଚିବ, ଲୋକ ପ୍ରତିନିଧିଙ୍କୁ ଲିଖିତ ରୂପେ ଅଭିଯୋଗ କରାଯାଇଥିଲା । ଏହାକୁ ଭିତ୍ତିକରି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ସେମିଳିଗୁଡ଼ା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଚାମେଲି ମଜୁମଦାର ତଦନ୍ତ ଦାୟିତ୍ୱ ନେଇଥିଲେ। ତେବେ ବିଇଓ ଏ ସମ୍ପର୍କରେ ଅଭିଯୋଗକାରୀଙ୍କୁ ଅବଗତ କରାଇ ନ ଥିଲେ। ସେ ଗତ ୩ତାରିଖରେ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକ ନାୟକଙ୍କୁ ସମର୍ଥନ ଦେଉଥିବା କେତେଜଣ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟଙ୍କୁ ଡାକି ଏକତରଫା ଭାବେ ତଦନ୍ତକରି ଫେରିଯାଇଥିଲେ। ଅନ୍ୟପକ୍ଷରେ ପ୍ରଧାନ ଶିକ୍ଷକ ନାୟକ ବିଇଓଙ୍କ ଚିଠିକୁ ଦେଖାଇ ତରବରରେ ଜନସାଧାରଣ ଏବଂ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର, ମୋ ସ୍କୁଲର କମିଟି ସଭ୍ୟାସଭ୍ୟଙ୍କୁ ତଦନ୍ତ କାର୍ଯ୍ୟରେ ୪ତାରିଖରେ ଉପସ୍ଥିତ ରହି ତଦନ୍ତ ଅଧିକାରୀ ବିଇଓଙ୍କୁ ସହଯୋଗ କରିବା ପାଇଁ ଅବଗତ କରାଇ ଦସ୍ତଖତ ସଂଗ୍ରହ କରିଥିଲେ। ଏହାକୁ ବିରୋଧକରି ତଦନ୍ତ ଅଧିକାରୀ ପରିବର୍ତ୍ତନ କରି ନୂତନ ତଦନ୍ତ ଅଧିକାରୀଙ୍କୁ ନିଯୁକ୍ତି କରି ତଦନ୍ତ କରିବାକୁ ମୋ ସ୍କୁଲ ଅଭିଯାନର ସଭାପତି ପ୍ରତାପ କୁମାର ଚୌଧୁରୀ ଦାବି କରିଛନ୍ତି। ଏନେଇ ତଦନ୍ତ ଅଧିକାରୀ ବିଇଓ ମଜୁମଦାରଙ୍କୁ ପଚାରିବାରୁ ସେ କହିଥିଲେ, ତଦନ୍ତ ପ୍ରକ୍ରିୟା ସମ୍ପର୍କରେ ଅଭିଯୋଗକାରୀଙ୍କୁ ଅବଗତ କରାଇବା ପାଇଁ ପ୍ରଧାନ ଶିକ୍ଷକ ନାୟକଙ୍କୁ କୁହାଯାଇଥିଲା। ଗୋଟିଏ ତଦନ୍ତକୁ ମୁଁ ବାରମ୍ବାର କରିପାରିବି ନାହିଁ ବୋଲି ପ୍ରକାଶ କରିଥିଲେ । ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ନାୟକଙ୍କୁ ପଚାରିବାରୁ ତଦନ୍ତ ଚାଲିଥିବାରୁ ଏହା ଉପରେ ସେ କିଛି କହିବାକୁ ମନା କରିଥିଲେ।

### ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ ପାଳିତ

ଜୟପୁର, ୭।୧(ନି.ପ୍ର.)

ନିଖିଳ ଉତ୍କଳ ଶିକ୍ଷକ ସଂଘର ୭୭ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଜୟପୁର ସାଉଥ ଏମ୍‌ଇ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏଥିରେ ସଂଘ ସମ୍ପାଦକ ମହେଶ ମିଶ୍ର ସ୍ୱାଗତ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ହରିଶ ରାଓ ଓ ସମ୍ମାନିତ ଅତିଥି ରୂପେ ସତ୍ୟପ୍ରିୟ ସୁଆର ଯୋଗଦେଇ ସଂଘ ପତାକା ଉତ୍ତୋଳନ କରିଥିଲେ। ଜୟପୁର ପ୍ରାଥମିକ ଶିକ୍ଷକ ସଂଘର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଈଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ।

### ତାଲା ଭାଙ୍ଗି ଘରୁ ଚୋରି

କାଳିମେଳା,୭।୧(ଡି.ଏନ୍.ଏ.)

ଗୁରୁବାର ବିଳମ୍ବିତ ରାତିରେ କାଳିମେଳା ମେଡିକାଲ ପରିସରରେ ଥିବା ଜଣେ ଷ୍ଟାଫ୍‌ନର୍ସଙ୍କ ବାସଗୃହରୁ ଚୋରି ହୋଇ ଯାଇଥିବା ଅଭିଯୋଗ ହୋଇଛି। ରାତିରେ ଘରେ କେହି ନ ଥିବା ବେଳେ ଦୁର୍ବୃତ୍ତ ଘରର କବାଟ ତାଲା ଭାଙ୍ଗି ଘରେ ଥିବା ଗୋଦ୍‌ରେଜ୍ ଆଲମାରୀ ଲକରରୁ ସୁନାଗହଣା, ରୁପା ଏବଂ ନଗଦ କିଛି ଟଙ୍କା ଚୋରି କରିନେଇଛନ୍ତି। ଏ ନେଇ ଅଭିଯୋଗ ପରେ କାଳିମେଳା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

